# ଫିନେଷ୍ଟ୍ରା ପକ୍ଷରୁ ଭୁବନେଶ୍ୱରରେ ଏହାର ରିଟେଲ ଉପସ୍ଥିତିରେ ସମ୍ପ୍ରସାରଣ

ଭୁବନେଶ୍ୱର – ଭାରତର ଅଗ୍ରଣୀ ଝରକା ଏବଂ କବାଟ ବ୍ରାଣ୍ଡ, ଫିନେଷ୍ଟ୍ରା ପକ୍ଷରୁ ଭୁବନେଶ୍ୱରରେ ଏହାର ଅନ୍ୟ ଏକ ନୂତନ ସୋରୁମର ଶୁଭାରମ୍ଭ କରାଯାଇଛି । ଏହି ଅତ୍ୟାଧୁନିକ ସୋରୁମଟି ଭୁବନେଶ୍ୱରର ସହିଦ ନଗର, ଅର୍ବାନ ଲାଇଭ, ୨୦୮ରେ ଅବସ୍ଥିତ । ଭୁବନେଶ୍ୱରର ଏହି ଫିନେଷ୍ଟ୍ରା ସୋରୁମରେ ବିଭିନ୍ନ ରେଞ୍ଜର ଝରକା, କବାଟ ତାହା ପୁଣି ବିଭିନ୍ନ ଡିଜାଇନ ଏବଂ ରଙ୍ଗରେ ଉପଲବ୍ଧ । ଏହି ସମ୍ପର୍କରେ ଫିନେଷ୍ଟ୍ରା ପକ୍ଷରୁ ଏହାର ବ୍ୟବସାୟିକ ମୁଖ୍ୟ, ଶ୍ରୀଯୁକ୍ତ ସକେତ ଜୈନ କହିଛନ୍ତିଯେ, "ଫିନେଷ୍ଟ୍ରାର ରଣନିତୀ ଦୁଇଟି ମୁଖ୍ୟ ଦୃଷ୍ଟିକୋଣ ଯେପରିକି ଗ୍ରାହକଙ୍କ ଇଚ୍ଛାକୁ ସମ୍ମାନ ଏବଂ ଅଧିକରୁ ଅଧିକ ଗ୍ରାହକମାନଙ୍କ ପାଖରେ ପହଂଚିବା ଉପରେ ଆଧାରିତ । ଏହି କାରଣ ସୋରୁମର ଶୁଭାରମ୍ଭକୁ ଏବଂ ୭୦୦ରୁ ଅଧିକ ଡିଜାଇନ ସହିତ ଆକର୍ଷଣୀୟ ସୃଙ୍ଖଳାର ସମ୍ପ୍ରସାରଣକୁ ପ୍ରୋତ୍ସାହିତ କରିପାରିଛି । କଳା ଏବଂ ବିଜ୍ଞାନର ମିଶ୍ରଣରେ ଆମ୍ଭମାନଙ୍କର ଉତ୍ପାଦ ଗୁଡିକ ଗ୍ରାହକମାନଙ୍କ ଆବଶ୍ୟକତା ଏବଂ ପରିବେଶ ଭିତିକ ଉତ୍ପାଦ ତଥା ଶବ୍ଦ, ବର୍ଷା, ଧୂଳି ଏବଂ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ବୃହତ ବ୍ୟବସାୟିକ ରଣନିତୀ, ବିଭିନ୍ନ ଉତ୍ପାଦ ଏବଂ ଦ୍ରୁତ ରିଟେଲ ସମ୍ପ୍ରସାରଣର ମିଶ୍ରଣ ସହିତ ଟିଆର ୨ ଏବଂ ୩ ବଜାର ଆମ୍ଭମାନଙ୍କୁ ଆମ୍ଭମାନଙ୍କର ଲକ୍ଷ୍ୟସ୍ଥଳରେ ପହଂଚାଇବାକୁ ସାହାଯ୍ୟ କରିବ ।" ଏହି ସୋରୁମର ଶୁଭାରମ୍ଭ ସହିତ ୨୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ଆମର ଉପସ୍ଥିତି ରହିଥିବାବେଳେ ଡିସେମ୍ବର ୨୦୨୦ ସୁଦ୍ଧା ଆମ୍ଭମାନଙ୍କର ଉପସ୍ଥିତିକୁ ସମସ୍ତ ରାଜ୍ୟରେ ସମ୍ପ୍ରସାରଣ କରିବା ପାଇଁ ଲକ୍ଷ୍ୟ ରଖିଛୁ । ଭାରତରେ ୟୁପିଭିସି ଝରକା ଏବଂ କବାଟ ଉଦ୍ୟୋଗରେ କ୍ରମାଗତ ବୃଦ୍ଧି ହେତୁ ଏହି ବ୍ରାଣ୍ଡ ଭବିଷ୍ୟତରେ ଏହାର ବଜାର ଅଂଶକୁ ବୃଦ୍ଧି କରିବା ସହିତ ଏକ ଅଗ୍ରଣୀ ସ୍ଥାନକୁ ପରିଚାଳନା କରିପାରିବ ।